**ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ**

**ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ**

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୦୬,ବୁଲେଟିନ ନମ୍ବର-୧୨ , ତାରିଖ : ୦୯।୦୨।୨୦୨୪, ଶୁକ୍ର ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୧୦.୦୨.୨୦୨୪ –୧୪.୦୨.୨୦୨୪, ଶନି ବାର - ବୁଧ ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା(୨୭–୨୯ °C)ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୮-୨୦ °C ) ମଧ୍ୟରେ ରହିବାର ସମ୍ଭାବନା ରହିଛି । ଆଗମି ସପ୍ତାହ ରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୪୫–୬୧%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକଆର୍ଦ୍ରତା(୧୮–୨୭%) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୧୦-୦୨-୨୦୨୪ | ୦ | ୨୭ | ୧୮ | ୦ | ୫୬ | ୧୮ | ୫ | ୯୦ |
| | ୧୧-୦୨-୨୦୨୪ | ୦ | ୨୯ | ୧୯ | ୨ | ୪୫ | ୨୦ | ୫ | ୧୦୮ |
| | ୧୨-୦୨-୨୦୨୪ | ୪ | ୨୮ | ୨୦ | ୪ | ୪୮ | ୨୨ | ୬ | ୧୧୬ |
| | ୧୩-୦୨-୨୦୨୪ | ୦ | ୨୭ | ୨୦ | ୮ | ୫୫ | ୨୭ | ୭ | ୧୪୪ |
| | ୧୪-୦୨-୨୦୨୪ | ୦ | ୨୮ | ୧୯ | ୫ | ୬୧ | ୨୫ | ୭ | ୧୦୯ |

**କୃଷି ପାଣିପାଗ ଉପଦେଶ**

**ସାଧାରଣ ପରାମର୍ଶ : ଶ୍ରୀ ଧାନ :** ଧାନ ନର୍ସରୀ ପ୍ରସ୍ତୁତ କରନ୍ତୁ ଏବଂ ମୁଖ୍ୟ କ୍ଷେତରେ ୧୦୧୨ ଦିନ ପୁରୁଣା ବିହନ ପ୍ରତିରୋପଣ କରନ୍ତୁ । **ଡାଲୁଅ ଧାନ :** ପ୍ରତି ୩ ବର୍ଷରେ ବିହନ ବଦଳାନ୍ତୁ । ବିହନ ଗଜା ପରୀକ୍ଷା କରି ବୁନନ୍ତୁ ।

**ଅଧିକ ଅମଳକ୍ଷମ ଡାଲି ଚାଷ :**

ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା :-ମୁଗ କିସମ ଆଇପିଏମ -୦୨-୧୪ (୬୫ ଦିନ ), ଆଇପିଏମ -୦୨-୩ (୬୫ ଦିନ ),ପିଡ଼ିଏମ -୧୧ (୬୫ ଦିନ), ),ପିଡ଼ିଏମ -୫୪ (୬୦ ରୁ ୬୫ ଦିନ ),ଦୁର୍ଗା (୬୦ ରୁ ୬୫ ଦିନ),ସମ୍ରାଟ (୬୫ ରୁ ୭୦ ଦିନ ),କେ -୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ – ସାରଳା (୬୫ ରୁ ୭୦ ଦିନ),ପିୟୁ -୩୧(୭୦ ଦିନ), ପିୟୁ -୩୦(୬୫ ରୁ ୭୦ ଦିନ), ପିୟୁ -୩୫(୬୫ ରୁ ୭୦ ଦିନ), ପିୟୁ -୧୯(୬୫ ରୁ ୭୦ଦିନ) ଆଦି ବିହନ ଗୁଡ଼ିକୁ

ସଂଗ୍ରହ କରି ଜମିରେ ବୁଣନ୍ତୁ ହେକ୍ଟର ପ୍ରତି ୨୫ କିଲୋଗ୍ରାମ ବିହନ ଆବଶ୍ୟକ ଅଟେ ବିହନକୁ ବିଶୋଧନକରି ବୀଜାଣୁ କଲଚର(୫୦୦ଗ୍ରାମ ) ଉପଚାର କରି ଧାଡିରେ ବୁଣନ୍ତୁ

**ରବି ସୂର୍ଯ୍ୟାମୂଖୀ :**

ଧଳା ମାଛି ର ଦମନ ପାଇଁ ଏକର ପ୍ରତି ୪୦ ଗ୍ରାମ X ଏସିଟାମିପ୍ରିଡ X ମିଲି ହିସାବରେ ଟ୍ରାଏ ଜୋଫସ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ

ସୂର୍ଯ୍ୟାମୂଖୀ ଫୁଲରେ ଭଲରୂପେ ମଞ୍ଜି ଧରିବାପାଇଁ କିଆରୀ ପାଖରେ ମହୁ ବାକ୍ସ ରଖି ମହୁଚାଷ କରିବା ଭଲ

ମହୁମାଛି ପରାଗ ସଂଗମ ରେ ସାହାଯ କରିଥାନ୍ତି

ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ଜୈବ କୀଟନାଶକ ଏକର ପ୍ରତି ୨୫୦ ଶୂକ ସମତୁଲ ଏନ ପି ଭି କିମ୍ବା ବି ଟି କେ ୫୦୦ ଗ୍ରାମକୁ ୨୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ

ଆବଶ୍ୟକ ହେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଟ୍ରାଏଜୋଫସ ମିଶାଇ ସିଞ୍ଚନ କରନ୍ତୁ

**ସୋରିଷ :**

ବର୍ତମାନ ପାଗରେ ସୋରିଷରେ ପାଉଁଶିଆ ରୋଗ ଲାଗିବାର ଦେଖାଯାଇଥାଏ

ଏହାର ଦମନ ପାଇଁ ଏକର ପ୍ରତି ୧ କିଗ୍ରା ସଲଫର ସେଚିତ ଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ

ଏହି ସମୟରେ କରତିଆ ମାଛି ଓ ଜଉ ପୋକ ଲାଗିବାର ସମ୍ଭାବନା ରହିଥାଏ

କରତିଆ ମାଛି ର ଦମନ ପାଇଁ ଏକର ପ୍ରତି ଟ୍ରାଇଜୋଫସ ୪୦୦ ଏମଏଲ

ଜଉ ପୋକ ର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡ଼ାଇମେଥୋଏଟ  କିମ୍ବା ୫୦ ମିଲି ଇମିଡ଼ାକ୍ଲୋପିଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ

**ଆଳୁ :**

ମେଘୁଆ ପାଗ ଯୋଗୁଁ ଆଳୁରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି

ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିରେ ୪ ମିଲି ନିମ୍ବ ଜାତୀୟ କୀଟ ନାଶକ ଔଷଧ କିମ୍ବା ୨ ମିଲି ଡାଇମିଥୋଏଟ ମିଶାଇ ସିଞ୍ଚନ କରନ୍ତୁ

ଆଳୁରେ ପତ୍ରପୋଡା ରୋଗର ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୧ ଗ୍ରାମ କାର୍ବେଣ୍ଡାଜିମ ବା ମାଙ୍କୋଜେବମିଶାଇ ସିଞ୍ଚନ କରନ୍ତୁ

୧୨ ଦିନ ପରେ ପୁନର୍ବାର ଏହାକୁ ପ୍ରୟୋଗ କରନ୍ତୁ

**ଚିନାବାଦାମ :**

ରବି ଚିନାବାଦାମ ରେ ଉକକୁଣିଆ ପୋକ ଲାଗିଥିଲେ ଏହାର ଦମନ ପାଇଁ ଏକର ପ୍ରତି ଟ୍ରାଇଜୋଫସବିକ୍ରମ କେଶରୀ ପାଣି ୪୦୦ ଏମ ଏଲ  ୫୦ ମିଲି ଇମିଡ଼ାକ୍ଲୋପ୍ରିଡ ମିଶାଇ ସିଞ୍ଚନ କରନ୍ତୁ

**ଧାନ ତଳି ପରିଚାଳନା :**

ନର୍ସରୀରେ ହାଲୁକା ଜଳସେଚନ ପ୍ରୟୋଗ କରନ୍ତୁ ।

ବିହନ ବୁଣିବାର ୧୫ ଦିନ ପରେ ଧାନ ନର୍ସରୀରେ ଛିଡା ଜଳ ରଖନ୍ତୁ | ୧୫ ଦିନରେ ବିହନର ସଠିକ୍ ଶକ୍ତି ପାଇଁ ୪ କିଲୋଗ୍ରାମ ୟୁରିଆ ପ୍ରୟୋଗ କରନ୍ତୁ ।

ଶେଷ ଚାଷ ସମୟରେ, ୪୦ ଟୋକେଇ ଗୋବର ଖତ, ୧୨ କିଲୋଗ୍ରାମ ସିଙ୍ଗଲ୍ ସୁପର ଫସଫେଟ୍ ଏବଂ ୦୨ କିଲୋଗ୍ରାମ ମୁରିଏଟ୍ ପୋଟାଶ୍ ସାର ମାଟିରେ ମିଶାନ୍ତୁ ।

**ଝୁଡଙ୍ଗ :**

ଝୁଡଙ୍ଗ ଚାଷ ପାଇଁ ଫେବ୍ରୁୟାରୀ ରୁ ମାର୍ଚ୍ଚ ମାସ ପ୍ରକୃଷ୍ଟ ସମୟ ଅଟେ

ଏହି ଚାଷ ପାଇଁ ଅର୍କ ଅର୍ଜୁନ ,ପୂଷା କୋମଲ ଏବୌଁ ପୂଷା ଫାଲଗୁନି, ଆଦି ବିହନ ଗୁଡିକୁ ବ୍ୟବହାର କରନ୍ତୁ

ଏହି ଚାଷ ପାଇଁ ଜମି ଗୁଣ୍ଡ ଚାଷ ହୋଇଥିବା ଦରକାର

ଏକର ପ୍ରତି ଗୋବର ଖତ ସହ ୨୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଓ ୨୦ କିଗ୍ରା ପଟାସ ସାର କୁ  ଶେଷ ଓଡ଼ ଚାଷ ବେଳେ ପ୍ରୟୋଗ କରନ୍ତୁ

ଧାଡି କୁ ଧାଡ଼ି ୩୦ ସେମି ଓ ମଞ୍ଜି କୁ ମଞ୍ଜି ୧୦ ସେମି ବ୍ୟବଧାନ ରଖନ୍ତୁ

**ମକା :**

ମକା ଫସଲ ୨-୩ ସପ୍ତାହର ହୋଇଗଲେ କୋଡାଖୁସା କରି ଘାସ ବାଛନ୍ତୁ ।

ଘାସ ବଛା ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ଗଛଠାରୁ ୫ସେମି ଛାଡି ଧାଡିରେ ପ୍ରୟୋଗ କରନ୍ତୁ ଓ ହୁଡା ଟେକନ୍ତୁ ।

ମାଟିର ବତର କୁ ଚାହିଁ ଜଳସେଚନ କରନ୍ତୁ ।

କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ।

**ଗହମ :**

କାଳିଗୁଣ୍ଡି ରୋଗର ଦମନ ପାଇଁ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବୌଁ ଏକର ପ୍ରତି ୨୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସଅଳ ଲଗାଯାଇଥିବା ଫସଲରେ ଶସ୍ୟଦାଗ ରୋଗ ଲାଗିବାର ସମ୍ଭାବନା ଅଛି ।

ଏହାର ଦମନ ପାଇଁ ଏକର ପ୍ରତି ୬୦୦ ଗ୍ରାମ ମାଙ୍କୋଜେବ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ ।

**ସୂର୍ଯ୍ୟାମୂଖୀ :**

ଏବେଠାରୁ ଖରାଦିନିଆ ସୂର୍ଯ୍ୟାମୂଖୀ ପାଇଁ ଜମି ପ୍ରସ୍ତୁତ କରନ୍ତୁ

ଉନ୍ନତ କିସମ ପାଇଁ ସନରାଇଜ ମୋରଡେନ ଓ ଶଙ୍କର ଜାତୀୟ ପାଇଁ ଏମ ଏସ ଏଫ ଏଚ -୧୭ କେ ବି ଏସ ଏଚ -୧ ପି ଏ ସି -୩୬ ପିଏସି -୧୦୯୧ ଆଦି ବିହନ ସଂଗ୍ରହ କରନ୍ତୁ

ରବି ସୂର୍ଯ୍ୟାମୂଖୀ ବୁଣିବାର ୨୧-୩୦ ଦିନ ର ହୋଇଥିଲେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ ଏକର ପ୍ରତି ଉନ୍ନତ କିସମ ହୋଇଥିଲେ ୩ କିଗ୍ରା ଓ ଶଙ୍କର ଜାତୀୟ ପାଇଁ ୬ କିଗ୍ରା ହିସାବରେ ଯବକ୍ଷାରଜାନ ପ୍ରଥମ ଶୀର୍ଷ ସାର ରୂପେ ଗ୍ରହଣ କରନ୍ତୁ

ଫସଲରେ ଉଇ ଜନିତ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ  ୨୦ ଇସି ମିଶାଇ ମାଟିକୁ ଭଲଭାବରେ ଭିଜାଇ ଦିଅନ୍ତୁ

**ମାଛ ଚାଷ :**

ବିଷାକ୍ତ ପ୍ରଭାବକୁ ନିବାରଣ କରି ମାଛ ଉତ୍ପାଦନରେ ଚୂନ ବହୁବିଧ ଉପକାରୀ ଭାବେ ସାବ୍ୟସ୍ତ ହୁଏ

ଚୂନ ପ୍ରୟୋଗ ଫଳରେ ପୋଖରୀରେ ଅଙ୍ଗାର ଆମ୍ଳୀକରଣରେ ସହାୟ ହୁଏ ଏବୌଁ ବିଭିନ୍ନ ରୋଗକାରୀ ଜୀବାଣୁ ମାନଙ୍କୁ ଦମନ କରି ପରିବେଶ ନିରୋଗ ରଖେ

ଶୀତଦିନେ ମାଛମାନେ ଶିଥିଳ ହୋଇଯାନ୍ତି ସୂର୍ଯ୍ୟାକିରଣ ପ୍ରଖର ହେଲେ ଯାଇ ପୋଖରୀରେ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ପ୍ରୟୋଗ କଲେ ମାଛମାନେ ଖାଦ୍ୟକୁ ଗ୍ରହଣ କରନ୍ତି

**କୁକୁଡ଼ା ପାଳନ  :**

କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲ କୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ

କୁକୁଡାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ମଧ୍ୟରେ ଲାସୋଟା ପ୍ରତିଷେଧକ ଟୀକା ଏବୌଁ  ୧୩-୧୫ ଦିନ ମଧ୍ୟରେ ଆଇବିଟି  ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ

**ପ୍ରାଣୀ :**

ଗାଈମାନଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫଏମଡି ଭାକ୍ସିନ ଗ୍ରହଣ କରନ୍ତୁ

ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କା ଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ

ସୁବିଧାଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ରଖନ୍ତୁ

ଗୋରୁ ଗୁହାଳ ର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତିପ୍ରଦାୟକ  ତନ୍ତୁଜାତୀୟ ଖାଦ୍ୟ ଯଥା ଘାସ ନଡା ପାଳ କୁଣ୍ଡା ଚୋକଡ ଡାଳପତ୍ର ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦିଅନ୍ତୁ ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ବିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍।ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪0 ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*